# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 September – 2026

********************************

## ମୁଖ୍ୟ ସମ୍ବାଦ

- ଭାରତ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚାଲିଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆଜି ହେଉଛି ଉଦ୍‌ଯାପିତ

– ଉଦ୍ୟୋଗୀ, କୃଷକ, ଗବେଷକ, ମହିଳା ଓ ଯୁବବର୍ଗଙ୍କୁ ସାମିଲ କରି ବ୍ରିକ୍ସକୁ ଅଧିକ ସମାବେଶୀ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ

- ସଂଯୁକ୍ତ ଆରବ ଏମିରେଟ୍‌ସରେ ନିବେଶକ ସମ୍ମିଳନୀ ଶେଷ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କଲେ ମୁଖ୍ୟମନ୍ତ୍ରୀ

– କହିଲେ, ୧୬ଟି ବୁଝାମଣାପତ୍ର ସହ ୨ ଲକ୍ଷ ୪୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ମିଳିଛି ପୁଞ୍ଜିପ୍ରସ୍ତାବ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ନିକୁଞ୍ଜ ଲୀଳା

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା

# ବ୍ରିକ୍ସ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଭାରତ ଅଧ୍ୟକ୍ଷତାରେ ଚାଲିଥିବା ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆଜି ଉଦ୍‌ଯାପିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମ୍ମିଳନୀକୁ ସମ୍ବୋଧନ କରି କହିଛନ୍ତି, ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀ ବିକାଶ ଆଦି ଚାରୋଟି ସ୍ତମ୍ଭ ଉପରେ ପର୍ଯ୍ୟବେସିତ। ଉଦ୍ୟୋଗୀ, କୃଷକ, ଗବେଷକ, ମହିଳା ଓ ଯୁବବର୍ଗଙ୍କୁ ସାମିଲ କରି ବ୍ରିକ୍ସକୁ ଅଧିକ ସମାବେଶୀ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି।

**- V/O -**

ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଯୋଗାଣ ବ୍ୟବସ୍ଥାକୁ ଅଧିକ ଭରସାଯୋଗ୍ୟ ଓ ମଜଭୁତ କରାଯିବ। ଷ୍ଟାର୍ଟଅପ୍‌ଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ବ୍ରିକ୍ସ ଇନ୍‌କ୍ୟୁବେଟର ନେଟୱର୍କ ଗଠନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂତନ ଓ ଉପଯୋଗୀ ଚିନ୍ତାଧାରା ସହାୟତା ପାଇଁ ଷ୍ଟାର୍ଟଅପ୍ ଇନୋଭେସନ ଫଣ୍ଡ ପ୍ରସ୍ତାବ ଦିଆଯାଇଛି। କୃଷକଙ୍କ ସୁବିଧା ପାଇଁ କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ

ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମହାମାରୀ, ଜଳବାୟୁ ପରିବର୍ତ୍ତନ ଓ ଯୋଗାଣ ଶୃଙ୍ଖଳାରେ ବାଧା ଯୋଗୁଁ କୌଣସି ସଂକଟ ଗୋଟିଏ କ୍ଷେତ୍ରରେ ସୀମିତ ହୋଇ ରହିନାହିଁ। ବ୍ରିକ୍ସ ରାଷ୍ଟ୍ରଗୁଡ଼ିକରେ ସହନଶୀଳତା ବଢ଼ାଇବା ସହ ସଂକ୍ରାମକ ରୋଗ ପାଇଁ ସମନ୍ୱିତ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ବିପର୍ଯ୍ୟୟ ପରିଚାଳନାରେ ସହଯୋଗ ସୁଦୃଢ଼ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଜ୍ଞାନ, ଅର୍ଥ ଏବଂ ନୂତନ ବଜାର ସହ ଯୋଡ଼ିବା ପାଇଁ 'ବ୍ରିକ୍ସ ଏମ୍‌ଏସ୍‌ଏମ୍‌ଇ ସହଯୋଗ ପୋର୍ଟାଲ' ପ୍ରତିଷ୍ଠା କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି । ସହରଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସ ଆଦାନପ୍ରଦାନକୁ ସହଜ କରିବା ପାଇଁ 'ବ୍ରିକ୍ସ ଅର୍ବାନ ମୋବିଲିଟି ହବ୍' ପ୍ରତିଷ୍ଠା କରାଯାଇଛି। ବ୍ରିକ୍ସ ମଧ୍ୟରେ ବିକଶିତ ହୋଇଥିବା ସମାଧାନର ଲାଭକୁ ଗ୍ଲୋବାଲ ସାଉଥ୍‌ର ଆବଶ୍ୟକତା ପୂରଣ କରିବା ପାଇଁ ଅନୁକୂଳ ଓ ସହଜଲଭ୍ୟ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

Desk

# ୟୁଏଇ-ମୁଖ୍ୟମନ୍ତ୍ରୀ ଉଦ୍‌ଯାପିତ

ସଂଯୁକ୍ତ ଆରବ ଏମିରେଟ୍‌ସରେ ଚାଲିଥିବା ୩ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଶେଷ କରି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ପହଁଞ୍ଚିବା

ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ ନିବେଶକ ସମ୍ମିଳନୀର ସଫଳତା ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଆବୁଧାବି ଓ ଦୁବାଇରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୧୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୋଟ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ପୁଞ୍ଜିପ୍ରସ୍ତାବ ମିଳିଛି। ଏହାଦ୍ୱାରା ୬ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ନିବେଶ ଓ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଓଡ଼ିଶା ପ୍ରତି ନିବେଶକଙ୍କ ବଢୁଥିବା ଆସ୍ଥା' ସମୃଦ୍ଧ ଓଡ଼ିଶାର ବିକାଶ ଯାତ୍ରାକୁ ଅଧିକ କ୍ରିୟାଶୀଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

Nayagada

# ସେତୁ ନିର୍ମାଣ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବାଇପାସ ରାସ୍ତାର ସୁନାମୁହିଁ ନାଳ ଉପରେ ୫ କୋଟି ୮୦ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ପ୍ରସ୍ତାବିତ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସେତୁ ନିର୍ମାଣ ଦ୍ୱାରା ଖଣ୍ଡପଡ଼ାରେ ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଗମ କରିବା ସହ ଅଞ୍ଚଳର ଯୋଗାଯୋଗ ଓ ବିକାଶର ଗତିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଏଥିସହିତ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିର ପରିଦର୍ଶନ କରି

ପୀଠର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକୀୟ ସୁବିଧାର ବିକାଶ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଛନ୍ତି।

Desk

# ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ଗଣେଶପୂଜା ତଥା ସରକାରୀ ଛୁଟି ପରିପ୍ରେକ୍ଷୀରେ ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଶୁଣାଣି ତାରିଖ ଗଣମାଧ୍ୟମ ଦ୍ୱାରା ଅବଗତ କରାଯିବ ବୋଲି ବିଭାଗ କହିଛି ।

Desk

# ନିକୁଞ୍ଜ ଲୀଳା

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ନିକୁଞ୍ଜ ଲୀଳା ଅନୁଷ୍ଠିତ ହେବ । ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ପାଳିତ ହୋଇଆସୁଥିବା ଶ୍ରୀକୃଷ୍ଣଙ୍କ ଲୀଳା କ୍ରମରେ ଆଜି ସଂଧ୍ୟାଧୂପ ପରେ ଏହି ନୀତି ପାଳନ କରାଯିବ । ଗତକାଲି ଠାକୁରଙ୍କର ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହୋଇଯାଇଛି ।

Dhenkanal

# ନୂଆଁଖାଇ ପର୍ବ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆସନ୍ତା ମଙ୍ଗଳବାର ଦିନ ପାଳନ କରାଯିବ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ

ନିକଟରେ ପୂର୍ବାହ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାହ୍ନ ଲାଗି ହେବ। ଏହା ପୂର୍ବରୁ ମା'ଙ୍କ ନିକଟରେ ସରିଆ ଧାନ ଅର୍ପଣ କରାଯାଇଛି।  ଏହି ନୂଆଁଖାଇ ପର୍ବ ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, କଳାହାଣ୍ଡି, ଝାରସୁଗୁଡ଼ା, ନୂଆପଡ଼ା, ବୌଦ୍ଧ, ଆଠମଲ୍ଲିକ ଆଦି ଅଞ୍ଚଳରେ ଆନନ୍ଦ ଓ ଉତ୍ସାହର ପାଳନ କରାଯାଇଥାଏ।

ଢେଙ୍କାନାଳର ଜୋରନ୍ଦାସ୍ଥିତ ପ୍ରସିଦ୍ଧ ମହିମା ଗାଦିରେ ଆଜି ମହିମାଧର୍ମର ବାବା ଓ ସାଧୁ ସୁପୁରୁଷଙ୍କୁ ନୂଆଁଖାଇ ଉପଲକ୍ଷେ ପ୍ରଥମ ନବାହ୍ନ ପରିବେଷଣ କରାଯାଇଛି।

Desk

# ପୋଷଣ

ସୁସ୍ଥ ଜୀବନ ପାଇଁ ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟରେ ପୋଷଣ ମାସ ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପୋଷଣ ପ୍ରଦର୍ଶନୀ, ଆଲୋଚନାଚକ୍ର ଓ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜିତ ହେଉଛି। ଶିଶୁଙ୍କ ସୁସ୍ଥ ବିକାଶ ଏବଂ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ ପୋଷଣଯୁକ୍ତ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମମତା– ପି.ଏମ୍.ଏମ୍.ଭି.ୱାଇ ଯୋଜନା ମାତୃତ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ଓ ସଚେତନତା ସୃଷ୍ଟି କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛି। ପର୍ଯ୍ୟାପ୍ତ ପୋଷଣ ଏବଂ ଶୈଶବର ପ୍ରାରମ୍ଭିକ

ଯତ୍ନ ଶିଶୁର ମସ୍ତିଷ୍କ ବିକାଶ, ଶିକ୍ଷା ଓ ବିଦ୍ୟାଳୟ ପାଇଁ ପ୍ରସ୍ତୁତିର ଏକ ଦୃଢ଼ ମୂଳଦୁଆ ପକାଇଥାଏ।

Desk

## ବର୍ଜ୍ୟବସ୍ତୁ ପରିଚାଳନା

ବର୍ଜ୍ୟବସ୍ତୁର ସଠିକ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ -୨୦୨୬ ଲାଗୁ କରିଛନ୍ତି। ନୂଆ ନିୟମରେ ଉତ୍ପତ୍ତି ସ୍ଥଳରୁ ବର୍ଜ୍ୟବସ୍ତୁକୁ ଚାରି ଭାଗରେ ପୃଥକୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଖୋଲା ସ୍ଥାନରେ ବର୍ଜ୍ୟ ଫିଙ୍ଗିବା କିମ୍ବା ଏହାକୁ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ। ତେଣୁ ଏଭଳି କାର୍ଯ୍ୟରୁ ଦୂରେଇ ରହିବାକୁ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ ପାଇଁ ଏକକ ବ୍ୟବହାର ପ୍ଲାଷ୍ଟିକ କମାଇବା ସହ ସଠିକ ସଂଗ୍ରହ ଓ ପୁନଃଚକ୍ରଣ ଉପରେ ଗୁରୁତ୍ୱ ଦିଆଯାଉଛି। ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ନୂତନ ନୀତି ଅନୁଯାୟୀ, କ୍ଷତିପୂରଣ ଆଦାୟର ବ୍ୟବସ୍ଥା ରହିଛି। ତେବେ ବର୍ଜ୍ୟକୁ କେବଳ ଆବର୍ଜନାଭାବେ ନ ଦେଖି ଏହାକୁ ପୁନଃ ବ୍ୟବହାର ଓ ପୁନଃଚକ୍ରଣ ମାଧ୍ୟମରେ ସମ୍ପଦରେ ପରିଣତ କରିବା ହେଉଛି ନୂଆ ନିୟମର ମୂଳଲକ୍ଷ୍ୟ। ବର୍ଜ୍ୟବସ୍ତୁର ପୃଥକୀକରଣ ଓ ସଠିକ ନିଷ୍କାସନ ଦ୍ୱାରା ଏକ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ଭାରତ ଗଠନ ସମ୍ଭବ ହୋଇପାରିବ।

Bhadrak

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ନୀଳକଣ୍ଠ ହରିହର ସଂଯୁକ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବାସୁଦେବପୁର ବ୍ଲକ ସହିଦ ବାଟିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୦ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

Bhadrak

## ବକ୍ତୃତାମାଳା ଆଲୋଚନାଚକ୍ର

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିକ୍ଷାବିତ୍, ବରିଷ୍ଠ ନାଗରିକ, ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଭାରତ ବର୍ଷ ପ୍ରତି ଅବଦାନ ଚିନ୍ତାଧାରା ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଭାଗ ନେଇଥିଲେ।

Desk

# ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍

ବାଂଲାଦେଶର ରାଜଧାନୀ ଢ଼ାକାରେ ଆସନ୍ତା ନଭେମ୍ବର ମାସ ୧୩ ତାରିଖରୁ ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିପାଇଁ ୨୪ଜଣିଆ ସମ୍ଭାବ୍ୟ ଭାରତୀୟ ଖେଳାଳି ମନୋନୟନ

କରାଯାଇଛି । ଏଥିରେ ଓଡ଼ିଶାର ୩ଜଣ ଖେଳାଳି ଦେବରାଜ ବେହେରା, ନକୁଳ ବଡନାୟକ ଏବଂ ସୁଖରାମ ମାଝୀ ସ୍ଥାନ ପାଇଛନ୍ତି । ଖେଳାଳିମାନଙ୍କ ପାଇଁ ଚଳିତମାସ ଶେଷ ସପ୍ତାହରେ ବେଙ୍ଗାଲୁରୁଠାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି ।

MET

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।